# NATIONAL NEWS BULLETIN (ODIA)

## 12 April - 2026

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ମହିଳା ସଂରକ୍ଷଣ ଆଇନ୍‌କୁ କାର୍ଯ୍ୟକାରୀ କରିବା ନେଇ ସମସ୍ତଙ୍କ ସାହାଯ୍ୟ କାମନା କଲେ ପ୍ରଧାନମନ୍ତ୍ରୀ ।

- ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥିତ ରହିବାକୁ ଦଳୀୟ ସାଂସଦଙ୍କ ପାଇଁ ହ୍ୱିପ୍ ଜାରି କଲା ବିଜେପି ।

- ଇସଲାମାବାଦଠାରେ ଅନୁଷ୍ଠିତ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନାରେ ବାହାରି ପାରିନି କୌଣସି ନିଷ୍କର୍ଷ ।

- ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଚାଲିଛି ପ୍ରଚାର ।

- ପରଲୋକ ଗମନ କଲେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ପଦ୍ମବିଭୂଷଣ ଆଶା ଭୋସ୍‌ଲେ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍।

# ପିଏମ୍-ଓମେନ୍ ରିଜରଭେସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ମହିଳା ସଂରକ୍ଷଣ ଆଇନ୍‌କୁ କାର୍ଯ୍ୟକାରୀ କରିବା ନେଇ ସମୟ ଉପନୀତ ହୋଇଛି । ୨୦୨୯ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ । ସଂସଦରେ ଅନୁଷ୍ଠିତ ହେବାକୁ ଥିବା ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଲୋକସଭା ଏବଂ ରାଜ୍ୟସଭାର ନେତୃମଣ୍ଡଳୀଙ୍କୁ ଚିଠି ଲେଖି ଶ୍ରୀ ମୋଦୀ ମହିଳା ସଂରକ୍ଷଣ ଆଇନ୍‌କୁ ପାରିତ କରିବା ପାଇଁ ଅନୁରୋଧ କରିଛନ୍ତି । ନାରୀଶକ୍ତି ବନ୍ଦନ ଅଧିନିୟମ ଭାବରେ ଜଣାଶୁଣା ଏହି ଆଇନ୍‌କୁ ସମସ୍ତେ ସମର୍ଥନ କରିବାକୁ ଶ୍ରୀ ମୋଦୀ ଅନୁରୋଧ କରିଛନ୍ତି । ଗତକାଲି ଲେଖିଥିବା ଏହି ଚିଠିରେ ଶ୍ରୀ ମୋଦୀ କହିଛନ୍ତି ବ୍ୟାପକ ବିଚାରବିମର୍ଷ ପରେ ଦେଶରେ ନାରୀଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ସଂସଦର ବଜେଟ୍ ଅଧିବେଶନର ଅବଧିକୁ ଏ ସଂକ୍ରାନ୍ତ ଆଲୋଚନା ପାଇଁ ବୃଦ୍ଧି କରାଯାଇଛି । ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ଶ୍ରୀ ମୋଦୀ କହିଛନ୍ତି ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଲୋକସଭାରେ ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ପାଇବ । ସେଥିରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ୨୦୨୩ ମସିହାରେ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥା ହୋଇଛି ।

ଏହି ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥିତ ରହିବାକୁ ବିଜେପି ପକ୍ଷରୁ ହ୍ୱିପ୍ ଜାରି କରାଯାଇଛି । ଉଭୟ ସଦନରେ ଦଳୀୟ ସଦସ୍ୟ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରାଯାଇଛି ।

## ଇରାନ୍-ୟୁଏସ୍ ଟକ୍ସ

ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଅନୁଷ୍ଠିତ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନାର କୌଣସି ନିଷ୍କର୍ଷ ବାହାରି ପାରିନାହିଁ । ପ୍ରାୟ ୨୧ଘଣ୍ଟା ଧରି ଉଭୟ ରାଷ୍ଟ୍ର ମଧ୍ୟରେ ପ୍ରତିନିଧି ମଣ୍ଡଳୀ ସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଆମେରିକାର ଉପରାଷ୍ଟ୍ରପତି ଜେ.ଡି.ଭାନ୍ସଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ଓ୍ୱିଟ୍‌କଫ ଏବଂ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁସନର ଆଲୋଚନାରେ ଭାଗ ନେଇଥିଲେ । ଇରାନ୍ ସଂସଦର ବାଚସ୍ପତି ମହମ୍ମଦ ଓ୍ୱାକର କାଲିବାଫଙ୍କ ନେତୃତ୍ୱରେ ବୈଦେଶିକ ମନ୍ତ୍ରୀ ଆବାସ ଅର୍‌ଘାଚି ଏବଂ ଜାତୀୟ ସୁରକ୍ଷା ପରିଷଦର ଉପମୁଖ୍ୟ ଅଲ୍ଲୀ ବାଘେରୀ କାନି ତେହେରାନ ପକ୍ଷରୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଭାନ୍ସ କହିଛନ୍ତି ଉଭୟପକ୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସହମତି ପ୍ରକାଶ ପାଇନାହିଁ । ଇରାନ୍ ସମ୍ମୁଖରେ ଏକ ଚୂଡାନ୍ତ ଓ ସର୍ବୋତ୍ତମ ପ୍ରସ୍ତାବ ଦିଆଯାଇଛି ଏବଂ ଓ୍ୱାଶିଂଟନ୍ ଏନେଇ ତେହେରାନ୍‌ର ପ୍ରତିକ୍ରିୟାକୁ ଅପେକ୍ଷା କରିଛି ବୋଲି ଶ୍ରୀ ଭାନ୍ସ କହିଛନ୍ତି । ଗତ ଦଶନ୍ଧି ମଧ୍ୟରେ ଓ୍ୱାଶିଂଟନ୍ ଓ ତେହେରାନ୍ ମଧ୍ୟରେ ଏହା ଥିଲା ଶୀର୍ଷସ୍ତରୀୟ ସିଧାସଳଖ ଆଲୋଚନା । ଆଲୋଚନାର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ପଶ୍ଚିମ ଏସିଆରେ

ଯୁଦ୍ଧବିରତି, ଆମେରିକା ଦ୍ୱାରା ଜବତ ଇରାନ୍ ସମ୍ପତ୍ତିର ମୁକ୍ତି ଏବଂ ହର୍‌ମୁଜ ପ୍ରଣାଳୀ ଆଦି ଅନ୍ତର୍ଭୁକ୍ତ ଥିଲା ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଇରାନ୍ ସହିତ ହୋଇଥିବା ଆଲୋଚନା କୌଣସି ନିଷ୍କର୍ଷରେ ପହଞ୍ଚିବା କିମ୍ବା ନ ପହଞ୍ଚିବା ନେଇ କୌଣସି ଫରକ ପଡିବ ନାହିଁ । ହର୍‌ମୁଜ ପ୍ରଣାଳୀ ନେଇ ଆମେରିକାର ଅଭିଯାନ ଜାରି ରହିଛି ଏବଂ ପୂର୍ବରୁ ଆମେରିକା ଯୁଦ୍ଧ ମାଧ୍ୟମରେ ଲକ୍ଷ୍ୟ ହାସଲ କରିସାରିଛି ବୋଲି ରାଷ୍ଟ୍ରପତି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି ଇସ୍ରାଏଲ ନିଜର ଐତିହାସିକ ସଫଳତା ହାସଲ କରିସାରିଛି । ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନଷ୍ଟ କରାଯାଇଥିବା ସେ କହିଛନ୍ତି ।

ଇତିମଧ୍ୟରେ ଉଭୟ ଦେଶର ପ୍ରତିନିଧିମଣ୍ଡଳୀ ଇସ୍‌ଲାମାବାଦରୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

# ପିଏମ୍-ଓ୍ୱେଷ୍ଟବେଙ୍ଗଲ

ତାମିଲନାଡୁ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟ ତୀବ୍ର ହୋଇଛି । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ତଥା ରୋଡ ଶୋ ମାଧ୍ୟମରେ ପ୍ରଚାରକାର୍ଯ୍ୟ କରାଯାଉଛି । ପଶ୍ଚିମବଙ୍ଗର ଶିଲିଗୁଡିଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏକ ସମାବେଶକୁ ସମ୍ବୋଧନ କରିଛନ୍ତି । ରାଜ୍ୟବାସୀଙ୍କ ଅଧିକାରକୁ

ଅକ୍ଷୁଣ୍ଣ ରଖିବାକୁ ତୃଣମୂଳ କଂଗ୍ରେସ ସରକାର ବିଫଳ ହୋଇଛନ୍ତି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

ତାମିଲନାଡୁର ବୀରୁଧୁନଗର ଜିଲ୍ଲାର ଶତୁରଠାରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଏଆଇଏଡିଏମ୍‌କେ, ପିଏମ୍‌କେ ଏବଂ ବିଜେପି ପକ୍ଷରୁ ଦଳୀୟ ତଥା ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ରୋଡ ଶୋ'ର ଆୟୋଜନ ହୋଇଛି ।

ଡିଏମ୍‌କେ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଆଜି ପୂର୍ବାହ୍ନରେ ପାରାମାକୁଡିଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ତାମିଲନାଡୁରେ ଏକକ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ । ପଶ୍ଚିମ ବଙ୍ଗରେ ଦୁଇଟି ପର୍ଯ୍ୟାୟରେ ଆସନ୍ତା ୨୩ ଏବଂ ୨୯ ତାରିଖରେ ମତଗ୍ରହଣ କରାଯିବ ।

---

## ଆଶା ଭୋସଁଲେ ଡେଥ୍

ବିଶିଷ୍ଟ କଣ୍ଠଶିଳ୍ପୀ ଏବଂ ପଦ୍ମବିଭଷଣ ପୁରସ୍କାରପ୍ରାପ୍ତ ଆଶା ଭୋସ୍‌ଲେ ପରଲୋକ ଗମନ କରିଛନ୍ତି । ମୁମ୍ବାଇରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ମହାରାଷ୍ଟ୍ର ସାଂସ୍କୃତିକ ମନ୍ତ୍ରୀ ଆଶିଷ ସେଲାର କହିଛନ୍ତି । ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା । ତାଙ୍କ ନିକଟ ସମ୍ପର୍କୀୟଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଅପରାହ୍ଣ ୪ଟାରେ ଶିବାଜୀ ପାର୍କଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଆଶା ଭୋସ୍‌ଲେଙ୍କ ନାତୁଣୀ ଜାନାଇ ଭୋସ୍‌ଲେ କହିଛନ୍ତି ହୃଦ୍ ସଂକ୍ରମଣ ଏବଂ ଶ୍ୱାସକ୍ରିୟାରେ ଜଟିଳତା

ଯୋଗୁଁ ତାଙ୍କୁ ଗତକାଲି ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଆଠ ଦଶନ୍ଧି ଧରି ବିଶିଷ୍ଟ ଗାୟିକା ଆଶା ଭୋସ୍ଲେ ବଲିଉଡ୍ ସଙ୍ଗୀତ ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲେ । ରୋମାଣ୍ଟିକ୍ ଗୀତରୁ ଆରମ୍ଭ କରି ଗଜଲ ଯାଏ ତାଙ୍କର ସୁମଧୁର ସଙ୍ଗୀତ ଦର୍ଶକ ଏବଂ ଶ୍ରୋତାଙ୍କୁ ଦୀର୍ଘବର୍ଷ ଧରି ବାନ୍ଧି ରଖିପାରିଛି । ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

ଏହି ପ୍ରଚ୍ଛଦପଟ ଗାୟିକାଙ୍କର ଲୋକପ୍ରିୟ ସଙ୍ଗୀତ ମଧ୍ୟରେ ‘ଅଭି ନ ଯାଓ ଛୋଡ୍ କର’, ‘ଇନ୍ ଆଖୋଁ କି ମସ୍ତି’, ‘ଦିଲ୍ ଚିଜ୍ କ୍ୟା ହେ’, ‘ପିଆ ତୁ ଅବ୍ ତୁ ଆଜା’ ଆଦି ଅନ୍ତର୍ଭୁକ୍ତ । ୧୨ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଭାରତୀୟ ଭାଷାରେ ସଂଗୀତ ଗାନ କରି ସେ ଏକ ନିଆରା ରେକର୍ଡ ସୃଷ୍ଟି କରିଥିଲେ । ଏହି ଦିଗଜ କଣ୍ଠଶିଳ୍ପୀ ମୀନାକୁମାରୀ, ମଧୁବାଳା, ଜିନତଅମନ, କାଜଲ, ଉର୍ମିଳା ମାତଣ୍ଡକର ଏବଂ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପଦ୍ମିନୀ ଏବଂ ବୈଜୟନ୍ତିମାଳାଙ୍କ ପାଇଁ କଣ୍ଠଦାନ କରି ଲୋକପ୍ରିୟତା ସାଉଁଟିଥିଲେ ।

## ଏମ୍ପି-ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ଡିଣ୍ଡୋରି ଜିଲ୍ଲାରେ ସଡ଼କ ଦୁର୍ଘଟଣା ଫଳରେ ୪ଜଣ ଲୋକଙ୍କର ପ୍ରାଣହାନୀ ଘଟିବା ସହ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ସୂଚନାଯୋଗ୍ୟ ଗତକାଲି ବିଳମ୍ବିତ ରାତିରେ ଗଡସରାଇ ଥାନା ଅଧୀନସ୍ଥ ଜବଲପୁର-ଅମରକଣ୍ଟକ ଜାତୀୟ ରାଜପଥର କିକ୍ରତଲାବଠାରେ ଏହି

ଦୁର୍ଘଟଣା ଘଟିଛି । ଏକ ପିକ୍‌ଅପ୍ ଯାନରେ ଏହି ଲୋକମାନେ ଘରକୁ ଫେରୁଥିବାବେଳେ ଟ୍ରକ୍‌ଟି ତାଙ୍କ ଉପରେ ମାଡ଼ିଯାଇଥିଲା ବୋଲି ପୋଲିସ ସୂଚନା ଦେଇଛି । ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭର ସମେତ ୫ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଟ୍ରକ୍ ଡ୍ରାଇଭରକୁ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି ।

## ଅମରନାଥ ଯାତ୍ରା

ଚଳିତବର୍ଷର ବାର୍ଷିକ ପବିତ୍ର ଅମରନାଥ ଯାତ୍ରା ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୨୮ ତାରିଖ ଯାଏ ୫୭ଦିନ ଧରି ଚାଲିବ । ଜାମ୍ମୁକାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ସିହ୍ନା କହିଛନ୍ତି ଜୁନ୍ ୨୯ ତାରିଖ ଜ୍ୟେଷ୍ଠ ପୂର୍ଣ୍ଣିମା ଉପଲକ୍ଷେ ପ୍ରଥମ ପୂଜା କରାଯାଇ ଭଗବାନ ଶିବଙ୍କର କୃପାଭିକ୍ଷା କରିବା ନିମନ୍ତେ ଶ୍ରଦ୍ଧାଳୁମାନେ ଏଠାରେ ପୂଜାର୍ଚ୍ଚନା କରିବେ । ଚଳିତମାସ ୧୫ ତାରିଖ ଠାରୁ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ଶ୍ରଦ୍ଧାଳୁମାନଙ୍କର ପଞ୍ଜୀକରଣ କରାଯିବ । ଦେଶରେ ଥିବା ଜାମ୍ମୁ କାଶ୍ମୀର ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ସୁବିଧା ୟେସ୍ ବ୍ୟାଙ୍କରେ ଥିବା ୫୫୪ଟି ଶାଖାରେ ଏହି ପଞ୍ଜିକରଣ ଉପଲବ୍ଧ ହେବ ।

## ମଣିପୁର ଇଲିଗାଲ ବଙ୍କର୍ସ

ମଣିପୁରର ଉଖ୍ରୁଲ ଜିଲ୍ଲାର ସୁରକ୍ଷାବଳ ୨୧ଟି ଅବୈଧ ବଙ୍କରକୁ ନଷ୍ଟ କରିଛି । ସ୍ଥାନୀୟ ପୁଲିସ ଆଜି କହିଛି ଅନ୍ୟ ଏକ ତଲାସୀ ଅଭିଯାନରେ

ତେଙ୍ଗ ନୌପଲ ଜିଲ୍ଲାର ୧୩ଟି ତାତ୍କାଳିକ ବିସ୍ଫୋଟକ ଉପକରଣ - ଆଇ.ଇ.ଡି ଜବତ କରାଯାଇଛି । ସୁରକ୍ଷାବଳ ସିକିବଙ୍ଗ ଗ୍ରାମର ୧୪ଟି ଏବଂ ମୋଙ୍ଗକୋଟ ସେପୁର ୭ଟି ସ୍ଥାନରେ ଥିବା ବଙ୍କରକୁ ନଷ୍ଟ କରିଦିଆଯାଇଛି । ସେହି ସ୍ଥାନରୁ ୧୧ଟି ଫାଙ୍କା କ୍ୟାଟ୍ରିଜ୍ ଖୋଳ ଜବତ କରାଯାଇଛି । ତେଙ୍ଗ ନୌପଲ ଜିଲ୍ଲାର ମୋରେ ଅଞ୍ଚଳରୁ ବହୁସଂଖ୍ୟାରେ ଅସ୍ତ୍ରଶସ୍ତ୍ର ମଧ୍ୟ ସୁରକ୍ଷାବଳ ଜବତ କରିଛି ।

---

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟା ୩୦ମିନିଟ୍‌ରେ ଗୁଜରାଟ୍ ଟାଇଟନସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଏବଂ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ନୂଆ ଚଣ୍ଡିଗଡ଼ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ୨୩ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରି ଚଳିତ ସିଜିନ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା ।

---